# ଅନ୍ତର୍ଜାତୀୟ
# ଶ୍ରୀ ଅନ୍ନ ଓ ମହିଳା କୃଷକ ସମ୍ମିଳନୀ
# ୨୦୨୫

୧୦-୧୧ ନଭେମ୍ବର ୨୦୨୫

ଭୁବନେଶ୍ୱର, ଓଡ଼ିଶା



## କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର**



# ଶ୍ରୀ ଅନ୍ନ ଅଭିଯାନ ସମ୍ବନ୍ଧରେ

ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପାରମ୍ପରିକ ପୁଷ୍ଟିଶସ୍ୟ ଏକ ପ୍ରମୁଖ ଖାଦ୍ୟ ଭାବରେ ବିବେଚିତ ହୋଇଆସିଛି । ପୁଷ୍ଟିଶସ୍ୟ ହେଉଛି ଜଳବାୟୁ ସହନଶୀଳ ଫସଲ ଏବଂ ପୋଷକତତ୍ତ୍ୱର ଭଣ୍ଡାର । ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା ହୋଇଥିବାବେଳେ ସୁସ୍ଥ ଭବିଷ୍ୟତ ଗଠନ ଦିଗରେ ପୁଷ୍ଟିଶସ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଏହା ବିଶେଷ କରି ବର୍ଷାପୁଷ୍ଟ  ଅଞ୍ଚଳରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଦ୍ୱାରା ଚାଷ କରାଯାଇଥାଏ ।

ଜାତୀୟ ଖାଦ୍ୟ ତାଲିକାରେ ପୁଷ୍ଟିଶସ୍ୟ (ଶ୍ରୀ ଅନ୍ନ)କୁ ପୁନରୁଦ୍ଧାର କରିବା ନିମନ୍ତେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାରଙ୍କ ପକ୍ଷରୁ "ଶ୍ରୀ ଅନ୍ନ ଅଭିଯାନ" ଆରମ୍ଭ କରାଯାଇଛି । ଏହା ଓଡ଼ିଶାର ୩୦ଟି ଜିଲ୍ଲାର ୧୭୭ଟି ବର୍ଷାପୁଷ୍ଟ ବ୍ଲକରେ ପାରମ୍ପରିକ ଜ୍ଞାନ କୌଶଳ ଏବଂ ଆଧୁନିକ ପଦ୍ଧତିର ସମନ୍ୱୟରେ ଏହି ସମ୍ପ୍ରଦାୟଗୁଡ଼ିକୁ ନ୍ୟାୟ ଏବଂ ସମାନତା ପ୍ରଦାନ କରୁଛି।

"ଶ୍ରୀ ଅନ୍ନ ଅଭିଯାନ"ର ପ୍ରମୁଖ ଉଦ୍ଦେଶ୍ୟଗୁଡିକ ହେଉଛି ଘରୋଇସ୍ତରରେ ପୁଷ୍ଟିଶସ୍ୟର ବ୍ୟବହାର ବୃଦ୍ଧି, ଖାଦ୍ୟ ସଂସ୍କୃତିର ପୁନରୁଦ୍ଧାର, ପୁଷ୍ଟିଶସ୍ୟ ଭୂ-ପ୍ରଜାତି/ ଦେଶୀ ବିହନ କିସମର ସଂରକ୍ଷଣ ଏବଂ ପ୍ରୋତ୍ସାହନ ଦେବା, ପୁଷ୍ଟିଶସ୍ୟର ଅମଳ ପରବର୍ତ୍ତୀ ଏବଂ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବା, ଉନ୍ନତ ଚାଷ ପ୍ରଣାଳୀ ଅବଲମ୍ବନ କରି ପୁଷ୍ଟିଶସ୍ୟ ଫସଲର ଉତ୍ପାଦକତା ସହ ଉତ୍ପାଦନ ବୃଦ୍ଧି କରିବା ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଅନ୍ୟାନ୍ୟ ସରକାରୀ ଯୋଜନାଗୁଡିକରେ ପୁଷ୍ଟିଶସ୍ୟକୁ ଅନ୍ତର୍ଭୁକ୍ତ କରିବା । ମହିଳା ଚାଷୀମାନେ ଏହି ପଦକ୍ଷେପର କେନ୍ଦ୍ରବିନ୍ଦୁ ଅଟନ୍ତି ଏବଂ ସେମାନେ ଗୋଷ୍ଠୀଭିତ୍ତିକ ଉଦ୍ୟୋଗଗୁଡ଼ିକରେ ପ୍ରତିନିଧିତ୍ୱ, ବିହନ କେନ୍ଦ୍ର ପରିଚାଳନା, ପୁଷ୍ଟିଶସ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପରିଚାଳନା ଏବଂ ସ୍ଥାନୀୟ ଖାଦ୍ୟ ବ୍ୟବସାୟ ମାଧ୍ୟମରେ ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥାନ୍ତି । ଏହି କାର୍ଯ୍ୟକ୍ରମ କୃଷକ ଉତ୍ପାଦକ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ସହଭାଗିତାରେ ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେଉଅଛି ।

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଏବଂ ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନ "ଶ୍ରୀ ଅନ୍ନ ଅଭିଯାନ"ର ଢାଞ୍ଚାକୁ ମାନ୍ୟତା ଦେବା ସହ ଦେଶର ଅନ୍ୟ ରାଜ୍ୟ ତଥା ଆଫ୍ରିକୀୟ ଦେଶଗୁଡିକରେ ଏହି ଢାଞ୍ଚାକୁ କାର୍ଯ୍ୟକାରୀ କରିବା ନେଇ ଅଭିହିତ କରିଛନ୍ତି । ଭାରତ ସରକାର ଓ ନୀତି ଆୟୋଗ, "ଶ୍ରୀ ଅନ୍ନ ଅଭିଯାନ"କୁ ସର୍ବୋତ୍ତମ ମଡ଼େଲ ଭାବରେ ସ୍ୱୀକୃତି ପ୍ରଦାନ କରିବା ସହ ଦେଶର ଅନ୍ୟ ରାଜ୍ୟମାନେ ପୁଷ୍ଟିଶସ୍ୟର ପ୍ରଚାର ଓ ପ୍ରସାର ପାଇଁ ଏହି ଅଭିଯାନର ଢାଞ୍ଚାକୁ ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି ।

# ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ
# ମହିଳା କୃଷକ ସମ୍ମିଳନୀ ୨୦୨୫ ସମ୍ବନ୍ଧରେ

ବହୁ ପୁରାତନ କାଳରୁ ଜଳବାୟୁ ସହନଶୀଳ ତଥା ପୋଷକତତ୍ତ୍ୱରେ ଭରପୂର ପୁଷ୍ଟିଶସ୍ୟ ଓଡ଼ିଶାର ଖାଦ୍ୟ ସଂସ୍କୃତି ଏବଂ କୃଷି ପ୍ରଣାଳୀ ସହ ନିବିଡ଼ ଭାବରେ ଜଡିତ । ରାଜ୍ୟର କୃଷି ପରିବେଶଗତ ଐତିହ୍ୟକୁ ସଂରକ୍ଷଣ କରି ବର୍ଷାପୁଷ୍ଟ ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟ ପୁଷ୍ଟିଶସ୍ୟ ଚାଷକୁ ଆପଣାଇ ଜୀବିକା ନିର୍ବାହ କରିଥାନ୍ତି । ଏହି ଐତିହ୍ୟକୁ ସମ୍ମାନ ଜଣାଇ ପୁଷ୍ଟିଶସ୍ୟର ସାଂସ୍କୃତିକ ଏବଂ ପରିବେଶଗତ ଗୁରୁତ୍ୱକୁ ସ୍ୱୀକୃତି ଦେବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବରେ ପାଳନ କରାଯାଉଅଛି ।

ଓଡ଼ିଶାର କୃଷି ଜୈବ ବିବିଧତା ଏବଂ ଐତିହ୍ୟ ଏହାର ପାରମ୍ପରିକ କୃଷି ପ୍ରଣାଳୀ ଏବଂ ଆଦିବାସୀ ଜ୍ଞାନ କୌଶଳ ଗଭୀରଭାବେ ନିହିତ ଅଟେ । ରାଜ୍ୟରେ ୧୦ଟି ସ୍ୱତନ୍ତ୍ର କୃଷି-ଜଳବାୟୁ ଅଞ୍ଚଳ ରହିଅଛି, ଯାହା ବିଭିନ୍ନ ଜିଲ୍ଲାଗୁଡ଼ିକରେ ମୃତ୍ତିକାର ପ୍ରକାରଭେଦ, ବର୍ଷା ଢାଞ୍ଚା, ସ୍ଥଳ ଭାଗ ଏବଂ ଫସଲ ପ୍ରଣାଳୀର ପରିବର୍ତ୍ତନ ଦ୍ୱାରା ପରିଭାଷିତ । ବହୁବର୍ଷ ଧରି ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ଚାଷୀମାନେ ପୁଷ୍ଟିଶସ୍ୟଠାରୁ ଆରମ୍ଭ କରି ଧାନ, ଡାଲି, ତୈଳବୀଜ, ଔଷଧୀୟ ତଥା ବିଲୁପ୍ତପ୍ରାୟ ଏବଂ ଅବହେଳିତ ପ୍ରଜାତିର ଉଦ୍ଭିଦ ଗୁଡିକର ଆନୁବଂଶିକ ଭଣ୍ଡାରର  ରକ୍ଷଣାବେକ୍ଷଣ କରିଆସିଛନ୍ତି । ଏହି ଐତିହ୍ୟ ଗୋଷ୍ଠୀଭିତ୍ତିକ ବିହନ ବ୍ୟାଙ୍କ, ପର୍ବପର୍ବାଣି ଏବଂ ରୀତିନୀତି ମାଧ୍ୟମରେ ସଂରକ୍ଷିତ ହୋଇଛି, ଯାହା କେବଳ ଫସଲ ବିବିଧତା ନୁହେଁ ବରଂ ଖାଦ୍ୟ ସଂସ୍କୃତି, ସ୍ଥାନୀୟ ଅର୍ଥନୀତି ଏବଂ ପରିବେଶଗତ ସ୍ଥାୟିତ୍ୱକୁ ମଧ୍ୟ ବଜାୟ ରଖେ । ବିଶେଷକରି ମହିଳା ଚାଷୀମାନେ ଏହି ପରମ୍ପରାର ସଂରକ୍ଷକ ହୋଇ ସେମାନେ ବିହନ ବିଶୋଧନକୁ ସୁନିଶ୍ଚିତ କରିବା, ପରିବର୍ତ୍ତିତ ଜଳବାୟୁ ସହିତ କିସମଗୁଡ଼ିକୁ ଖାପ ଖୁଆଇବା ଏବଂ ପିଢ଼ି ପରେ ପିଢି ଜ୍ଞାନ ପ୍ରଦାନ କରିଥାନ୍ତି । ଯାହାକି ସେମାନଙ୍କୁ ଓଡ଼ିଶାର ଜୈବ ବିବିଧତା-ଆଧାରିତ କୃଷି ମଡେଲର କେନ୍ଦ୍ରଭାବେ ପରିଚିତ କରାଇଛି ।

ମାଣ୍ଡିଆ ଦିବସରେ କେବଳ ପାରମ୍ପରିକ ଖାଦ୍ୟାଭ୍ୟାସର ପୁନରୁଦ୍ଧାର ନୁହେଁ ବରଂ ପୁଷ୍ଟିଶସ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ ଓଡ଼ିଶାର ପ୍ରତିନିଧିତ୍ୱକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥାଏ । ଏହା ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ଜଳବାୟୁ-ସହନଶୀଳ ଚାଷ, ଖାଦ୍ୟ, ପୁଷ୍ଟି ନିରାପତ୍ତା ଏବଂ ଗ୍ରାମୀଣ ଜୀବନଜୀବିକାକୁ ସୁଦୃଢ କରିବାରେ ରାଜ୍ୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ ।

ମହିଳା ଚାଷୀମାନେ ବିହନ, ଜୈବ ବିବିଧତା ଓ ପାରମ୍ପରିକ ଜ୍ଞାନର ସଂରକ୍ଷକ ହେବା ସହ ଚିରନ୍ତନ ଖାଦ୍ୟ ପ୍ରଣାଳୀ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । କୃଷି କ୍ଷେତ୍ରରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ପ୍ରଦାନ କରି ଲିଙ୍ଗଗତ ସମାନତା ଏବଂ ସଶକ୍ତିକରଣ ଦିଗରେ ଅଧିକ ପଦକ୍ଷେପ ନେବା ପାଇଁ ମିଳିତ ଜାତିସଂଘ ପକ୍ଷରୁ ୨୦୨୬ ମସିହାକୁ 'ଅନ୍ତର୍ଜାତୀୟ ମହିଳା କୃଷକ ବର୍ଷ' ଭାବରେ ଘୋଷଣା କରାଯାଇଛି ।

'ମାଣ୍ଡିଆ ଦିବସ' ପାଳନ ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଅଧିନରେ ଶ୍ରୀ ଅନ୍ନ ଅଭିଯାନ ତରଫରୁ ନଭେମ୍ବର ୧୦ ଓ ୧୧ ତାରିଖରେ ଦୁଇଦିନିଆ 'ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ମହିଳା କୃଷକ ସମ୍ମିଳନୀ' ଆୟୋଜିତ ହେଉଅଛି । ଏଥିରେ 'କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା' ଶୀର୍ଷକ ବିଷୟବସ୍ତୁ ରହିଛି ।

# ଉଦ୍ଦେଶ୍ୟ

ଏକ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ହେଉଛି ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ମହିଳା କୃଷକ ସମ୍ମିଳନୀ ୨୦୨୫ର ମୁଖ୍ୟ ଉଦ୍ଦେଶ୍ୟ । ଏହା କୃଷି-ଜୈବବିବିଧତା ସଂରକ୍ଷଣ, ବିହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଗୋଷ୍ଠୀସ୍ତରୀୟ ପରିବର୍ତ୍ତନରେ ମହିଳା କୃଷକଙ୍କ ଉଲ୍ଲେଖନୀୟ ଅବଦାନ ଉପରେ ଗୁରୁତ୍ୱାରୋପ କରାଯିବ । ପୁଷ୍ଟି ନିରାପତ୍ତା, ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା ଏବଂ ଲିଙ୍ଗଗତ ସମାନତା ଆଦି ନୀତିଗତ ଢାଞ୍ଚା ଉପରେ ଆଲୋଚନା କରାଯିବ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ତଥା ରାଜ୍ୟ ବାହାରେ ଏକ ସ୍ଥାୟୀ ଏବଂ ସ୍ୱାସ୍ଥ୍ୟାଭିମୁଖୀ କୃଷି ପରିବେଶ ଗଠନ କରିବା ନେଇ ଲକ୍ଷ୍ୟ ରହିଛି ।














# 'ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ମହିଳା କୃଷକ ସମ୍ମିଳନୀ'ର ବୈଷୟିକ ଅଧିବେଶନ

| ଅଧିବେଶନ ନାମ | ପରିଚାଳନା ସଂସ୍ଥା |
|---|---|
| ମହାରିଷି: ପୁଷ୍ଟିଶସ୍ୟ ଏବଂ ଅନ୍ୟାନ୍ୟ ପ୍ରାଚୀନ ଶସ୍ୟର ମୂଲ୍ୟ ଶୃଙ୍ଖଳ ସମ୍ଭାବନାକୁ ଉପଯୋଗ କରିବା | IIMR भाकृअनुप - भारतीय श्री अन्न अनुसंधान संस्थान ICAR-Indian Institute of Millets Research |
| ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଏବଂ ଡାଲିଜାତୀୟ ଫସଲ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ପାଇଁ ଯୋଜନା ପ୍ରସ୍ତୁତି | DIRECTORATE OF AGRICULTURE AND FOOD PRODUCTION Government of Odisha |
| ଗୋଷ୍ଠୀ ପରିଚାଳିତ ବିହନ ବ୍ୟବସ୍ଥା: ମହିଳା ସଶକ୍ତିକରଣ ଦ୍ୱାରା ସ୍ଥାୟୀ ବିହନ ବ୍ୟବସ୍ଥା ନିମିତ୍ତ ନୀତିଗତ ଢାଞ୍ଚା | mssrf |
| ଚିରନ୍ତନ କୃଷି ପାଇଁ ଲିଙ୍ଗଭିତ୍ତିକ ନୀତିନିର୍ଦ୍ଧାରଣ | IFPRI INTERNATIONAL FOOD POLICY RESEARCH INSTITUTE |
| ସୁସ୍ଥ ଭବିଷ୍ୟତ ଗଠନ ପାଇଁ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା | DEPARTMENT OF HEALTH & FAMILY WELFARE Government of Odisha |
| ଭୂ-ପ୍ରଜାତି/ ପାରମ୍ପରିକ କିସମ ପାଇଁ ବିହନ ପ୍ରଣାଳୀ | CoFTI Coalition for Food-Systems Transforma(c)tion in India |
| କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳା କୃଷକଙ୍କ ଭୂମିକା | FAO FIAT PANIS |
| ଗୋଷ୍ଠୀସ୍ତରରେ ପରିବର୍ତ୍ତନ : ମହିଳାଙ୍କ ନେତୃତ୍ୱ | SEWA SELF EMPLOYED WOMEN'S ASSOCIATION |
| ମୁଖ୍ୟସ୍ରୋତରେ ପୁଷ୍ଟିଶସ୍ୟ ସାମିଲ/ ପୁଷ୍ଟିଶସ୍ୟର ପ୍ରୋତ୍ସାହନ : କ୍ରୟଠାରୁ ଆରମ୍ଭ କରି ପୁଷ୍ଟି ନିରାପତ୍ତା ପର୍ଯ୍ୟନ୍ତ | DIRECTORATE OF AGRICULTURE AND FOOD PRODUCTION Government of Odisha |

# ସମ୍ମାନିତ ଅତିଥିବୃନ୍ଦ

- **ଡକ୍ଟର ହରିବାବୁ କମ୍ଭମପାଟି,**
  ମାନ୍ୟବର ରାଜ୍ୟପାଳ, ଓଡ଼ିଶା
- **ଶ୍ରୀ ମୋହନ ଚରଣ ମାଝୀ,**
  ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
- **ଶ୍ରୀ ଶିବରାଜ ସିଂହ ଚୌହାନ,**
  ମାନ୍ୟବର କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ, ଭାରତ ସରକାର
- **ଶ୍ରୀ କନକ ବର୍ଦ୍ଧନ ସିଂହଦେଓ,**
  ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ତଥା ଶକ୍ତି ମନ୍ତ୍ରୀ, ଓଡ଼ିଶା ସରକାର
- **ଶ୍ରୀ ମନୋଜ ଆହୁଜା,**
  ଭା.ପ୍ର.ସେ, ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର
- **ଶ୍ରୀମତୀ ଅନୁ ଗର୍ଗ,**
  ଭା.ପ୍ର.ସେ, ଉନ୍ନୟନ କମିଶନର, ଓଡ଼ିଶା ସରକାର
- **ଡ଼ଃ. ଇଭୋନୀ ପିଣ୍ଟୋ,**
  ମହାନିର୍ଦ୍ଦେଶକ, ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ
- **ଡ଼ଃ. ମଙ୍ଗୀ ଲାଲ ଜାଟ,**
  ମହାନିର୍ଦ୍ଦେଶକ, ଭାରତୀୟ କୃଷି ଗବେଷଣା ପରିଷଦ
- **ପ୍ରଫେସର ପ୍ରଭାତ କୁମାର ରାଉଳ,**
  କୁଳପତି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
- **ଡ଼ଃ. ସୌମ୍ୟା ସ୍ୱାମୀନାଥନ୍,**
  ଅଧ୍ୟକ୍ଷା, ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ(MSSRF)
- **ଏଲିଜାବେଥ ଫର୍,**
  ଭାରତ ଦେଶ ନିର୍ଦ୍ଦେଶକ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ
- **ପଦ୍ମଶ୍ରୀ ସାବରମତୀ,**
  ପରିବେଶବିତ୍, ବିହନ ସଂରକ୍ଷକ ଓ ସମ୍ଭବର ପ୍ରତିଷ୍ଠାତା
- **ପଦ୍ମଶ୍ରୀ ରୀମା ନାନାଭାଟି,**
  ନିର୍ଦ୍ଦେଶିକା, ସ୍ୱୟଂ ନିଯୁକ୍ତ ମହିଳା ସଂଗଠନ (ସେୱା)
- **ଡକ୍ଟର ରାଇମତି ଘିଉରିଆ ଏବଂ ଅନ୍ୟ ସଂରକ୍ଷକ ଚାଷୀ**

# କାର୍ଯ୍ୟସୂଚୀ

## ପ୍ରଥମ ଦିବସ
୧୦ ନଭେମ୍ବର ୨୦୨୫

### ମୁଖ୍ୟ କକ୍ଷ

| | |
|---|---|
| ୧୦.୩୦ - ୧.୩୦ | ଉଦ୍‌ଘାଟନୀ ସମାରୋହ |
| ୨.୩୦ - ୩.୪୫ | ମହାରିଷି: ପୁଷ୍ଟିଶସ୍ୟ ଏବଂ ଅନ୍ୟାନ୍ୟ ପ୍ରାଚୀନ ଶସ୍ୟର ମୂଲ୍ୟ ଶୃଙ୍ଖଳ ସମ୍ଭାବନାକୁ ଉପଯୋଗ କରିବା |

### ସମ୍ମେଳନ କକ୍ଷ-୧

| | |
|---|---|
| ୨.୩୦ - ୩.୪୫ | ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଏବଂ ଡାଲିଜାତୀୟ ଫସଲ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ପାଇଁ ଯୋଜନା ପ୍ରସ୍ତୁତି |
| ୪.00 - ୫.୧୫ | ଗୋଷ୍ଠୀ ପରିଚାଳିତ ବିହନ ବ୍ୟବସ୍ଥା: ମହିଳା ସଶକ୍ତିକରଣ ଦ୍ୱାରା ସ୍ଥାୟୀ ବିହନ ବ୍ୟବସ୍ଥା ନିମିତ୍ତ ନୀତିଗତ ଢାଞ୍ଚା |

### ସମ୍ମେଳନ କକ୍ଷ-୨

| | |
|---|---|
| ୨.୩୦ - ୩.୪୫ | ଚିରନ୍ତନ କୃଷି ପାଇଁ ଲିଙ୍ଗଭିତ୍ତିକ ନୀତିନିର୍ଦ୍ଧାରଣ |

## ଦ୍ୱିତୀୟ ଦିବସ
୧୧ ନଭେମ୍ବର ୨୦୨୫

### ମୁଖ୍ୟ କକ୍ଷ

| | |
|---|---|
| ୧୦.୩୦ - ୧୧.୪୫ | ସୁସ୍ଥ ଭବିଷ୍ୟତ ଗଠନ ପାଇଁ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା |

### ସମ୍ମେଳନ କକ୍ଷ-୧

| | |
|---|---|
| ୧୦.୩୦ - ୧୧.୪୫ | ଭୂ-ପ୍ରଜାତି/ ପାରମ୍ପରିକ କିସମ ପାଇଁ ବିହନ ପ୍ରଣାଳୀ |
| ୧୨.୧୫ - ୧.୩୦ | କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳା କୃଷକଙ୍କ ଭୂମିକା |

### ସମ୍ମେଳନ କକ୍ଷ-୨

| | |
|---|---|
| ୧୦.୩୦ - ୧୧.୪୫ | ଗୋଷ୍ଠୀସ୍ତରରେ ପରିବର୍ତ୍ତନ : ମହିଳାଙ୍କ ନେତୃତ୍ୱ |
| ୧୨.୧୫ - ୧.୩୦ | ମୁଖ୍ୟସ୍ରୋତରେ ପୁଷ୍ଟିଶସ୍ୟ ସାମିଲ/ ପୁଷ୍ଟିଶସ୍ୟର ପ୍ରୋତ୍ସାହନ : କ୍ରୟଠାରୁ ଆରମ୍ଭ କରି ପୁଷ୍ଟି ନିରାପତ୍ତା ପର୍ଯ୍ୟନ୍ତ |

### ମୁଖ୍ୟ କକ୍ଷ

| | |
|---|---|
| ୪.00 - ୫.୩୦ | ଉଦ୍‌ଯାପନୀ ସମାରୋହ |



ଅନ୍ତର୍ଜାତୀୟ

# ଶ୍ରୀ ଅନ୍ନ ଓ ମହିଳା କୃଷକ ସମ୍ମିଳନୀ ୨୦୨୫

ଭୁବନେଶ୍ୱର, ଓଡ଼ିଶା

